# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 June – 2025**

# ଝାଡ଼ାବାନ୍ତି ସମୀକ୍ଷା

ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ରାଜ୍ୟରେ ଝାଡ଼ାବାନ୍ତି ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ ଶ୍ରୀ ଆହୁଜା ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗ ଗୁଡ଼ିକ କ୍ଷେତ୍ରସ୍ତରରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଏହାସହ ଗ୍ରାମ୍ୟ ପାନୀୟଜଳ ଉତ୍ସ ଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା, ର୍‌ୟାପିଡ ଆକ୍ସ ଟିମ୍‌ର କ୍ଷେତ୍ର ପରିଦର୍ଶନ ଓ ପରାମର୍ଶକୁ କାର୍ଯ୍ୟକାରୀ କରିବା ଉପରେ ଶ୍ରୀ ଆହୁଜା ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଅପରପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଡାଇରିଆ ମୁଖ୍ୟତଃ ଦୂଷିତ ଜଳରୁ ଆରମ୍ଭ ହୋଇଥିବା କେନ୍ଦ୍ରୀୟ ବିଶେଷଜ୍ଞ ଦଳ ତଥ୍ୟ ରଖିଛନ୍ତି । ଜଳଉତ୍ସ ଗୁଡ଼ିକୁ ନିୟମିତ ଭାବେ ବିଶୋଧନ କରିବା ପାଇଁ କେନ୍ଦ୍ରୀୟ ଦଳ ପରାମର୍ଶ ଦେଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍ ଏ ସମ୍ପର୍କରେ କହିଛନ୍ତି...

**V/O**

# କଳାଧନ କାରବାର

ଦେଶରେ କଳାଧନ କାରବାର ରୋକିବାକୁ ଗଠିତ ସ୍ୱତନ୍ତ୍ର ତଦନ୍ତ ଦଳ ଏସ୍‌ଆଇଟିର ପରବର୍ତ୍ତୀ ବୈଠକ ଆସନ୍ତା ୨୮ତାରିଖରେ ଅନୁଷ୍ଠିତ ହେବ । ଏସ୍‌ଆଇଟି ଅଧ୍ୟକ୍ଷ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ ପଶାୟତଙ୍କ କଟକ ତେଲେଙ୍ଗାଜାରସ୍ଥିତ ବାସଭବନରେ ବୈଠକ ହେବ ବୋଲି ସୂଚନା ମିଳିଛି । ଏଥିରେ ରାଜ୍ୟ ତଥା ଦେଶରେ କଳାଧନ ରୋକିବା ଦିଗରେ କାର୍ଯ୍ୟ କରୁଥିବା ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ ।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ରାଜ୍ୟରେ ବିଜେପି ସରକାରଙ୍କ ଏକବର୍ଷ ପାଳନ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ବୟୋବନ୍ଦନା ଯୋଜନାରେ ରାଜ୍ୟର ୭୦ବର୍ଷରୁ ଅଧିକ ବୟସ୍କ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ । ଏହାସହ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ୨୦୩୬ ରୋଡ୍‌ମ୍ୟାପ୍ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ଭୁବନେଶ୍ୱରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ଜନସଭାକୁ ସମ୍ବୋଧନ ଦେବାର କାର୍ଯ୍ୟସୂଚୀ ରହିଥିବା ଶ୍ରୀ ସାମଲ ସୂଚନା ଦେଇଛନ୍ତି ।

# ଟ୍ରେନ୍ ଚଳାଚଳ

ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଆସନ୍ତାକାଲି ବୌଦ୍ଧ ଜିଲ୍ଲାରୁ ୨ଟି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ । ସାପ୍ତାହିକ ଟ୍ରେନ୍ ବୌଦ୍ଧ-ଭୁବନେଶ୍ୱର, ବୌଦ୍ଧ-ସମ୍ବଲପୁରର ଶୁଭାରମ୍ଭ ହେବ । ସେହିଭଳି ଦୈନିକ ଚଳାଚଳ କରିବାକୁ ଥିବା ବଲାଙ୍ଗୀର-ସୁବର୍ଣ୍ଣପୁର ପ୍ୟାସେଞ୍ଜର ଟ୍ରେନ୍‌ର ମଧ୍ୟ ଆସନ୍ତାକାଲିଠାରୁ ଚଳାଚଳ ଆରମ୍ଭ ହେବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି ।

# ଧର୍ମେନ୍ଦ୍ର ପ୍ରଧାନ

ଦିବ୍ୟାଙ୍ଗଙ୍କ ପାଇଁ ସମାନ ଶିକ୍ଷା ସୁନିଶ୍ଚିତ କରିବା ଏବଂ ସମାବେଶୀ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ନୂଆଦିଲ୍ଲୀଠାରେ ଶିକ୍ଷା ମନ୍ତ୍ରଣାଳୟ ଓ ବିଭିନ୍ନ ସଂସ୍ଥା ମଧ୍ୟରେ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଏବଂ ସମାନ ଶିକ୍ଷା ହେଉଛି ଜାତୀୟ ଶିକ୍ଷାନୀତିର ମୂଳ ବିଚାର । ଏହି ବୁଝାମଣାପତ୍ର ଦିବ୍ୟାଙ୍ଗ ପିଲାଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଫାଷ୍ଟଟାଗ୍-ପାସ୍

କେନ୍ଦ୍ର ସରକାର ଆସନ୍ତା ଅଗଷ୍ଟ ମାସ ୧୫ ତାରିଖରୁ ଜାତୀୟ ରାଜପଥରେ ଚଳାଚଳ କରୁଥିବା ଅଣ-ବାଣିଜ୍ୟିକ ବ୍ୟକ୍ତିଗତ ଯାନବାହନ ଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଫାଷ୍ଟଟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରିବେ । ଏହି ପାସ୍ ପାଇଁ ବାର୍ଷିକ ୩ ହଜାର ଟଙ୍କା ଦେବାକୁ ପଡ଼ିବ । ବାର୍ଷିକ ପାସ୍ ସକ୍ରିୟ ହେବାର ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ଟି ଯାତ୍ରା ପୂରଣ ହେବା ପର୍ଯ୍ୟନ୍ତ ପାସ୍ ବୈଧ ରହିବ ବୋଲି ସୂଚନା ମିଳିଛି ।

## ପେନ୍‌ସନ ଅଦାଲତ

କୋରାପୁଟ ଜିଲ୍ଲା ସଦ୍‌ଭାବନା ଗୃହଠାରେ କୋରାପୁଟ ଆଉ ମାଲକାନଗିରି ଜିଲ୍ଲା ପାଇଁ ପେନ୍‌ସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ପେନ୍‌ସନ ଅଭିଯୋଗ ନିର୍ଦ୍ଦେଶକ ନିହାର ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପେନ୍‌ସନ ସଂକ୍ରାନ୍ତୀୟ ବିଚାରାଧୀନ ମାମଲା ଗୁଡ଼ିକର ସମୀକ୍ଷା କରାଯାଇଥିଲା । ଶ୍ରୀ ଦାସ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଜନଶୁଣାଣି ମାଧ୍ୟମରେ ସମାଧାନ କରିବା ନେଇ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଜାତୀୟ ଶିକ୍ଷାନୀତି

ମାଲକାନଗିରି ଜିଲ୍ଲାରେ ଆୟୋଜିତ ବିକାଶ ମେଳାରେ ଜାତୀୟ ଶିକ୍ଷାନୀତିକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି ସାମଗ୍ରିକ ଶିକ୍ଷା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି ।

## ସିକିଲ୍ ସେଲ୍ ଦିବସ

ରକ୍ତହୀନତା ରୋଗର କାରଣ ଓ ନିରାକରଣ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସିକିଲ୍ ସେଲ୍ ବା ରକ୍ତଶିକୁଳୀ ଦିବସ ପାଳନ କରାଯାଉଛି । ଚଳିତବର୍ଷ ବିଶ୍ୱସ୍ତରୀୟ ଉଦ୍ୟମ; ଏହାର ସ୍ଥାନୀୟ ପ୍ରଭାବ ଏବଂ ସମାଜକୁ ଏ ନେଇ ଅଧିକାର ଦେବା ଶୀର୍ଷକ ନେଇ ଏହି ଦିବସ ପାଳନ କରାଯାଉଛି । ସୂଚନା ଅନୁସାରେ ସିକିଲ୍ ସେଲ୍ ଏକ ଗୁଣସୂତ୍ର ଜନିତ ରୋଗ ।

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି କେନ୍ଦୁଝର ଜିଲ୍ଲାର ଯୋଡାଠାରେ ସର୍ବାଧିକ ୧୩୦ ଦଶମିକ ୨

ମିଲିମିଟର ବର୍ଷା ରେକର୍ଡ ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡା, ସମ୍ବଲପୁର, ବରଗଡ, ସୁବର୍ଣ୍ଣପୁର, ଦେବଗଡ, ଅନୁଗୁଳ ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।